# OFSDP
## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
## ପ୍ରକଳ୍ପ ସୂଚନାପତ୍ର

ଭାଗ – ୩/ସଂସ୍କରଣ – ୩
ଜୁଲାଇ–ସେପ୍ଟେମ୍ବର, ୨୦୦୯

### ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ଦେଶରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ବନୀକରଣ କାର୍ଯ୍ୟକ୍ରମ ଏବଂ ବିଦେଶୀ ସହାୟତାରେ ଚାଲୁଥିବା ପ୍ରକଳ୍ପରେ ଗୃହୀତ ଉଜୁଡ଼ା ଜଙ୍ଗଲକୁ ପୁନରୁଦ୍ଧାର ପ୍ରଦାନରେ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ । ଓଡ଼ିଶାରେ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତି ବର୍ଷ ପ୍ରାୟ ୭୫,୦୦୦ ହେକ୍ଟର ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ଦ୍ୱାରା ପୂରଣ କରାଯାଏ । ଗୋଷ୍ଠୀର ବିକାଶ ପାଇଁ ପଦକ୍ଷେପ ସମେତ ଏହା ହିଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଚାରି ପ୍ରକାର ସମୂହ ବୃକ୍ଷରୋପଣ ଉପାଦାନ ଯଥା: ଅଣକାଷ୍ଠ ବନଜାତ ଦ୍ରବ୍ୟ ବୃକ୍ଷରୋପଣ, ବାଉଁଶ, ଜାଳେଣୀ ଓ ଚାରା ଏବଂ ଅର୍ଥନୈତିକ ବୃକ୍ଷରୋପଣ ତଥା ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ଅଞ୍ଚଳରେ ଥିବା ଫାଙ୍କା ସ୍ଥାନରେ ହେକ୍ଟର ପିଛା ୩୦୦ ଦେଶୀୟ ଚାରା ରୋପଣ ସମେତ)ର ମେରୁଦଣ୍ଡ ସଦୃଶ ।

ପରବର୍ତ୍ତୀ ପ୍ରକ୍ରିୟାରେ ଆସୁଥିବା ନୀତିରେ ବନୀକରଣ ପାଇଁ ଏହା ଏକ ନମନୀୟ ପନ୍ଥା, ଯାହାକି ପ୍ରାକୃତିକ ପୁନର୍ଜନନକୁ ଶୀଘ୍ର ପ୍ରତିଷ୍ଠାରେ ସହାୟକ ହୁଏ ଏବଂ ଆବଶ୍ୟକ ଫାଙ୍କା ସ୍ଥାନରେ ହେକ୍ଟର ପିଛା ଅତିରିକ୍ତ ୨୦୦ରୁ ୩୦୦ ଚାରା ରୋପଣ ଦ୍ୱାରା ପ୍ରାକୃତିକ ପୁନର୍ଜନନକୁ ଶୀଘ୍ର ବୃଦ୍ଧି କରାଏ । ତେଣୁ, ବୁଦା ସଫେଇ ଓ ଖୁଣ୍ଟା କଟା କାର୍ଯ୍ୟ, ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ ଏବଂ ମଞ୍ଜି ପୋତା ଓ ଚାରା ରୋପଣ ଆଦି କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଏ । ସ୍ଥାନୀୟ ଲୋକଙ୍କର ସହଯୋଗ ଓ ସ୍ଥାନୀୟ ପରିବେଶ ଜ୍ଞାନକୁ ଏକତ୍ର କରାଯାଇ ତଥା ଅଧିକ ଗୁରୁତ୍ୱ ଦିଆଯାଇ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଏ ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ, ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ମଧ୍ୟ ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀର ଜୀବିକା ନିର୍ବାହର ବିକାଶ ଏବଂ ସହଭାଗୀ ଅଣୁ ଯୋଜନାକୁ ଗୁରୁତ୍ୱ ପ୍ରଦାନ କରେ । ପୁନର୍ଜନନ ସହାୟକ କାର୍ଯ୍ୟକ୍ଷମ ପଦ୍ଧତିକୁ ଅଧିକ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟରେ ପ୍ରକଳ୍ପ ଏକ ଶାଣିତ ପନ୍ଥା ସହ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହାର ଉପଯୋଗୀ ଯୋଜନା ବିକଶିତ କରିଛି । ସ୍ଥାନୀୟ ପରିବେଶ ଜ୍ଞାନ ଭିତ୍ତିରେ ବର୍ଗାକାରରେ ସ୍ଥାନ ଚିହ୍ନଟ ହୋଇଥିବା ନକ୍ସା ଏବଂ ବହୁତ ଅଂଶୀଦାରଙ୍କ ଦ୍ୱାରା ଉପଚାର ହେବାକୁ ଥିବା ବନାଞ୍ଚଳର ବିସ୍ତୃତ ନିରୂପଣ ଏହି ପନ୍ଥା କଳ୍ପନା କରୁଛି । ବିଭିନ୍ନ ଜାତିର ଗଛକୁ ଅଗ୍ରାଧିକାର ଦିଆଯିବା, କେଉଁ ସ୍ଥାନରେ ସେହି ଜାତିର ଗଛ ବଞ୍ଚିପାରିବ, ଜାତିର ଗଛ ବୃଦ୍ଧି ପାଇଁ ସ୍ଥାନଭିତ୍ତିକ ଉପଚାର (ଧାରଣ କରିବା, ରୋପଣ କରିବା ଓ ମଞ୍ଜି କାଢ଼ିବା) ଆଦି କାର୍ଯ୍ୟକ୍ରମ ଏବଂ ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ପ୍ରଭୃତି ଗୋଷ୍ଠୀର ସହଭାଗିତାରେ ନିର୍ଣ୍ଣୟ କରାଯାଏ । ଏହି ପନ୍ଥାରେ ମିଳିତଭାବେ ଜୈବ ବିବିଧତା ସଂରକ୍ଷଣ ଓ ଜୀବିକା ନିର୍ବାହ ବିକାଶ ନିୟନ୍ତ୍ରଣ କରିବା (କାଟିବାକୁ ନୁହେଁ) ଏବଂ ଉନ୍ନତି କରିବା (ରୋପଣ କରିବା ଓ ମଞ୍ଜି କାଢ଼ିବା) ରହିଛି । ଉପଚାର ହୋଇଥିବା ଅଞ୍ଚଳଗୁଡ଼ିକୁ ପୁନର୍ବାର ପରିଦର୍ଶନ କରାଯାଇ ଜଙ୍ଗଲ ହସ୍ତକ୍ଷେପକୁ ଶାଣିତ କରାଯିବ, ଏବଂ ଉପରୋକ୍ତ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମର ଶାଣିତ ପନ୍ଥା ମାଧ୍ୟମରେ ଦ୍ୱିତୀୟ ଦଫାରେ ଗୃହୀତ ହେବାକୁ ଥିବା ନୂତନ ସ୍ଥାନ ପାଇଁ ଉପଚାର ଯୋଜନା ପ୍ରସ୍ତୁତ କରାଯିବ ।

**ଅରୁଣ କୁମାର ବଂସଲ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ
ପ୍ରକଳ୍ପ ନିର୍ଦ୍ଦେଶକ

### ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ମୌଳିକ ଶିକ୍ଷା

ଅଭିନବ ତଥା କାର୍ଯ୍ୟଶୀଳ ପନ୍ଥା ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳ ଗରିବ ଆଦିବାସୀଙ୍କ ଜୀବିକା ନିର୍ବାହରେ ବିକାଶ ଘଟାଇବା ଆମ ପ୍ରକଳ୍ପର ପ୍ରମୁଖ ଲକ୍ଷ୍ୟ । ପ୍ରକଳ୍ପ ଗ୍ରାମଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ମୂଲ୍ୟାୟନ, ପଥଦର୍ଶୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ଅଭିଜ୍ଞତା, ଜୀବିକା ନିର୍ବାହ ସୁଯୋଗ ବିଶ୍ଳେଷଣ (ଏଲଓଏ)ର ଫଳାଫଳ, ଏକ ଟାଣୁଆ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ନୀତି ବିକଶିତ କରିବାକୁ ନିଷ୍ପତ୍ତିମୂଳକ ତଥା ବ୍ୟବହାର ଉପଯୋଗୀ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି। ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ପ୍ରୋତ୍ସାହନ ନିମନ୍ତେ ପ୍ରକଳ୍ପ ଏବେ ଏକ ତିନିସ୍ତରୀୟ ନୀତି ଗ୍ରହଣ କରିଛି। ବଛାବଛା ସ୍ୱୟଂ ସହାୟକ ଗୋଷ୍ଠୀକୁ ବଡ଼ଧରଣର ତଥା ସ୍ଥାନୀୟ ଅଞ୍ଚଳରେ ବେପାର ପାଇଁ ଅଳ୍ପ ଅର୍ଥ ଓ ସ୍ୱଳ୍ପ ଅବଧିର ଋଣ ସହ ପଥଦର୍ଶୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଏବେ ବି ଜାରି ରହିବ । ତା ସହ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପଗୁଚ୍ଛ ସହାୟତାରେ ସମୂହ କିଣାବିକା ଏବଂ ମୂଲ୍ୟ ସଂଯୋଗ ମାଧ୍ୟମରେ କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀକୁ ନେଇ ଉନ୍ନତର ବଜାର ସଂଯୋଗୀକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀସମୂହକୁ ପ୍ରୋତ୍ସାହନ ଦିଆଯିବ । ଗ୍ରାମକୁ ସୁହାଇବା ପରି ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଏବଂ ସମାନ ଆଭିମୁଖ୍ୟ ରହୁଥିବା ଗୋଷ୍ଠୀ (ସିଆଇଜି)କୁ ଛୋଟ ଋଣ ଦେବା ବ୍ୟବସ୍ଥା ଉପରେ ମଧ୍ୟ ବିଚାର କରାଯିବ ।



ମାର୍ଟ ଦ୍ୱାରା କରାଯାଇଥିବା ଜୀବିକା ନିର୍ବାହ ବିଶ୍ଳେଷଣରୁ ପ୍ରାପ୍ତ ତଥ୍ୟଭିତ୍ତିରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପଗୁଚ୍ଛ ଉପରେ ମୌଳିକ ଶିକ୍ଷାଦାନ ପାଇଁ ବିଭିନ୍ନ ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ୨୦୦୯ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ କର୍ମଶାଳାର ଆୟୋଜନ କରାଯାଇଛି । ଏଲଓଏ ରିପୋର୍ଟ (ତଥ୍ୟ) ୧୪ଟି କ୍ଷେତ୍ର ପରିଚାଳନା କେନ୍ଦ୍ର ପାଇଁ ୨୦ ଟି ସାମଗ୍ରୀ ମନୋନୀତ କରିବା ସହ ସେଗୁଡ଼ିକର ମୂଲ୍ୟ ସଂଯୋଗ ବିଶ୍ଳେଷଣ (ଭିସିଏ) ମଧ୍ୟ କରିଛି। ଏଲଓଏ ରିପୋର୍ଟ (ତଥ୍ୟ) ସେଗୁଡ଼ିକର ବ୍ୟବସାୟିକ ଯୋଜନା ଏବଂ ତାହାକୁ କେଉଁ ସଂସ୍ଥା ସହ ଯୋଡ଼ାଯାଇପାରିଲେ ଗୁଚ୍ଛଭିତ୍ତିକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପ୍ରୋତ୍ସାହିତ ହେବ ତାହା ମଧ୍ୟ ଉଲ୍ଲେଖ କରିଛି ।

କ୍ରମଶଃ...ପୃ.୨

## ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ମୌଳିକ ଶିକ୍ଷା....

ଏଲଓଏ ରିପୋର୍ଟ (ତଥ୍ୟ)ରେ ଖଣ୍ଡୀୟ ପରିଚାଳନା ୟୁନିଟ୍ ଅନୁସାରେ ଆଭାସ ଦିଆଯାଇଥିବା ବିଷୟ ଏବଂ ପ୍ରକଳ୍ପ ଦ୍ୱାରା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସଂକ୍ରାନ୍ତ ମୌଳିକ ଶିକ୍ଷା ନିର୍ଦ୍ଦେଶନାମା ଏହି କର୍ମଶାଳାଗୁଡ଼ିକରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଖଣ୍ଡୀୟ ପରିଚାଳନା ୟୁନିଟ୍, କ୍ଷେତ୍ର ପରିଚାଳନା ୟୁନିଟ୍ ଏବଂ ବନ ସଂରକ୍ଷଣ ସମିତିସ୍ତରୀୟ ଅଂଶୀଦାରମାନେ ଭାଗ ନେଇଥିଲେ । ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଏଲଏଲଆଇ), ସାଧାରଣ ପରାମର୍ଶଦାତା ବିଶେଷଜ୍ଞ (ଏଲଏଲଆଇ) ଏବଂ ଅଂଶଗ୍ରହଣକାରୀମାନେ ମିଶି ପ୍ରତି କ୍ଷେତ୍ର ପରିଚାଳନା ୟୁନିଟ୍ ଅନୁଯାୟୀ ସାମଗ୍ରୀଭିତ୍ତିକ ଗୁଚ୍ଛର ପ୍ରାଥମିକ ତାଲିକା ବିକଶିତ କରିଛନ୍ତି । ସେମାନେ ଗୁଚ୍ଛଭିତ୍ତିକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ମୌଳିକ ଶିକ୍ଷା ପ୍ରଦାନ ପାଇଁ ସମୟ ନିର୍ଘଣ୍ଟ ସହ ସୋପାନଭିତ୍ତିକ ପନ୍ଥା ମଧ୍ୟ ପ୍ରସ୍ତୁତ କରିଛନ୍ତି । କ୍ଷେତ୍ର ଅନୁମୋଦନ, ଗୁଚ୍ଛଗୁଡ଼ିକର ମ୍ୟାପ ପ୍ରସ୍ତୁତି, ସଂସ୍ଥାଗତ ଏବଂ ଭିତ୍ତିଭୂମି ସହଯୋଗୀଙ୍କ ସହ ଆଲୋଚନା, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି, ନିର୍ଦ୍ଦିଷ୍ଟ ବ୍ୟବସାୟିକ ଯୋଜନା ବିକାଶ ପ୍ରଭୃତି ପ୍ରସଙ୍ଗ ୨୦୦୯ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି ।

**ଏଲଓଏରେ ଚିହ୍ନିତ ନିମ୍ନଲିଖିତ ୨୦ଟି ସାମଗ୍ରୀ ସମେତ ପଥଦର୍ଶୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଅଧୀନରେ ଯେକୌଣସି ସମ୍ଭାବ୍ୟ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପଗୁଡ଼ିକୁ ପ୍ରୋତ୍ସାହନ ଦେବାକୁ ପ୍ରକଳ୍ପ ବିଚାର କରୁଛି ।**

| କୃଷି | ଉଦ୍ୟାନକୃଷି | ଅଣକାଷ୍ଠ ବନଜାତ ଦ୍ରବ୍ୟ | ଅଣକାଷ୍ଠ |
|---|---|---|---|
| ମକା | ପିଆଜ | ମହୁଆ ଫୁଲ | କୁକୁଡ଼ା ଚାଷ |
| କାଜୁ | କାକୁ | ମହୁଆ ମଞ୍ଜି | ମାଛ ଚାଷ |
| ନାଲଳର ( ) | ପଣସ | ହିଲ ବ୍ରୁମ(ଝାଡୁ ଘାସ) | ଜିଆ ଖତ |
| | ଆତ | ଧତୁକି | ଟସର |
| | ସପୁରୀ | ଶିଆଳି ପତ୍ର | ମହୁ |
| | ଆମ୍ବ | ତେନ୍ତୁଳି | |

## ପ୍ରକଳ୍ପର ସମୀକ୍ଷା



ଜଙ୍ଗଲ ଓ ପରିବେଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ୟୁ.ଏନ. ବେହେରା, ଭା.ପ୍ର.ସେ. ୭ ଅଗଷ୍ଟ ୨୦୦୯ରେ ପ୍ରକଳ୍ପ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ, ପ୍ରକଳ୍ପ ନିର୍ଦ୍ଦେଶକ, ସମସ୍ତ ବନ ସଂରକ୍ଷକ, ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଏବଂ ପ୍ରକଳ୍ପ ପରିଚାଳନା କେନ୍ଦ୍ରର ସମସ୍ତ ଅଧିକାରୀଗଣ ବୈଠକରେ ଉପସ୍ଥିତ ଥିଲେ । ବନ ସଂରକ୍ଷଣ ସମିତି ଗଠନ ପ୍ରକ୍ରିୟାର ଅଗ୍ରଗତି, ପୁନର୍ଜନନ ସହାୟକ (ଏଏନ୍‌ଆର) କାର୍ଯ୍ୟକ୍ରମର ସଫଳତା, ଯୁଗ୍ମ ବନ ପରିଚାଳନା ଅଞ୍ଚଳରେ ସମୂହ ବୃକ୍ଷରୋପଣ, ଉପକୂଳ ବୃକ୍ଷରୋପଣ ଉଭୟ ଝାଉଁ ଓ ହେନ୍ତାଳ, କୃତ୍ରିମ ପନର୍ଜନନ-ଶାଗୁଆନ ଆଦି କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା। ପ୍ରକଳ୍ପ ପରିଚାଳନା କେନ୍ଦ୍ର ଦ୍ୱାରା ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ଆବଶ୍ୟକ ସଂଖ୍ୟକ ବନ ସଂରକ୍ଷଣ ସମିତି ଗଠନ ନିଶ୍ଚିତ କରିବାକୁ ବନଖଣ୍ଡ ଅଧିକାରୀମାନଙ୍କୁ କୁହାଯାଇଥିଲା । ଯୁଗ୍ମ ବନ କରିଚାଳନା ଅଞ୍ଚଳରେ ସମୂହ ବୃକ୍ଷରୋପଣ ଓ ଅଣ ଯୁଗ୍ମ ବନ ପରିଚାଳନା ଅଞ୍ଚଳରେ ଶାଗୁଆନ ବୃକ୍ଷରୋପଣ ନେଇ ପ୍ରକଳ୍ପର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ସମୟୋପଯୋଗୀ ଓ କର୍ତ୍ତବ୍ୟନିଷ୍ଠ ଉଦ୍ୟମ କରିବାକୁ ବନଖଣ୍ଡ ଅଧିକାରୀମାନଙ୍କୁ ବିଶେଷଭାବେ କୁହାଯାଇଥିଲା ।

ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଦ୍ୱାରା ନୂଆଦିଲ୍ଲୀ ଠାରେ ୧୦ ସେପ୍ଟେମ୍ବର ୨୦୦୯ରେ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ବଂସଲ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଡି. ବିଶ୍ୱାଳଙ୍କ ସହ, ପ୍ରକଳ୍ପର ବର୍ତ୍ତମାନର ସ୍ଥିତିକୁ ଗୁରୁତ୍ୱ ଦେଇ ଉପସ୍ଥାପନ କରିଥିଲେ । ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧିକାରୀମାନେ ପ୍ରକଳ୍ପର ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ ମଧ୍ୟ ସଫଳ କାହାଣୀର ଦଲିଲକରଣ ଓ ସଚେତନା ସୃଷ୍ଟି ଏବଂ ଆଇଟିଡିସି/ଓଟିଡିସି ସହ ସମନ୍ୱୟ ରକ୍ଷାକରି ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜାଇକା, ଇଣ୍ଡିଆର ପ୍ରତିନିଧି ଓ ଆଇଜିଏଫ(ଇଏପି) ଶ୍ରୀ ଆର.କେ. ଗୋଏଲ ଏହି ସମୀକ୍ଷାରେ ଉପସ୍ଥିତ ଥିଲେ ।

## ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କଦଳୀ ଚାଷ


ନିଜ ଗୋଷ୍ଠୀର ଆୟ ବୃଦ୍ଧି ନେଇ ନୂତନ ଉପାୟ ବାହାର କରିବାକୁ ପ୍ରକଳ୍ପ ପ୍ରୋତ୍ସାହନକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି । ଦେବଗଡ଼ ଖଣ୍ଡୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ଖମାର ରେଞ୍ଜର ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ୨୦୦୮ ମେ ମାସରେ କଦଳୀ ଚାଷ ଆରମ୍ଭ କରିଥିଲେ । ଏକରେ ଜମିରେ ସେମାନେ ୪୫୦ ଗଛ ଲଗାଇଥିଲେ। ସେପ୍ଟେମ୍ବର ମାସରେ ହାତୀପଲ ସେହି କଦଳୀ ବାଡ଼ିରେ ପଶି ବ୍ୟାପକ କ୍ଷତି ଘଟାଇଥିଲେ । ଗୋଷ୍ଠୀର ସଦସ୍ୟମାନେ ମର୍ମାହତ ହୋଇଥିଲେ ମଧ୍ୟ ଆଶା ଓ ପ୍ରତିବଦ୍ଧତା ଛାଡ଼ି ନ ଥିଲେ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏକ ସଂରକ୍ଷଣ ସମିତିକୁ ସେମାନେ ଯୋଗାଯୋଗ କରି ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠିରୁ ୧୫,୦୦୦ ଟଙ୍କା ଋଣ ପାଇଲେ । ଏହି ସହାୟତାକୁ ନେଇ ସେମାନେ କଦଳୀ ବାଡ଼ିର ବାଡ଼ ପୁନଃନିର୍ମାଣ କଲେ ଓ ଆଉ ୬୦୦ କଦଳୀ ଗଛ ଲଗାଇଲେ । ୨୦୦୯ ମେ ମାସରେ ସେମାନେ ୪୦୦ କଦଳୀ କାନ୍ଧି ଅମଳ କଲେ ଓ ୫୦/୬୦ ଟଙ୍କା ପ୍ରତି କାନ୍ଧି ଦରରେ ବିକ୍ରିକରି ୨୦,୫୦୦ ଟଙ୍କା ପାଇଲେ । ସେପ୍ଟେମ୍ବରରେ ସେମାନେ ଅଧିକ ୩୭ କାନ୍ଧି ଓ ଅକ୍ଟୋବରରେ ଆଉ ୩୦ କାନ୍ଧି ଅମଳ କରିଛନ୍ତି । ସେହି କାନ୍ଧିଗୁଡ଼ିକ ୫୦ ଟଙ୍କା ଦରରେ ବିକ୍ରି ହୋଇଛି । ଏଥିମଧ୍ୟରେ ସେମାନେ ବନ ସଂରକ୍ଷଣ ସମିତିର ଋଣ ସୁଧ ସମେତ ପରିଶୋଧ କରି ଦେଇଥିବାରୁ ସେପ୍ଟେମ୍ବର ଓ ଅକ୍ଟୋବରର ଅମଳ ସେମାନଙ୍କର ଲାଭ ହୋଇଛି । ଏବେ ସ୍ୱୟଂ ସହାୟକ ଗୋଷ୍ଠୀ ଏହି କାର୍ଯ୍ୟକୁ ରାଜ୍ୟ ଉଦ୍ୟାନକୃଷି ମିଶନର ଜ୍ଞାନକୌଶଳ ସହାୟତାରେ ଅଧିକ ନିୟନ୍ତ୍ରିତ ଢଙ୍ଗରେ କରିବାକୁ ଯୋଜନା କରିଛି ।



**ଅଶୋକ କୁମାର ସାହୁ**, ବେସରକାରୀ ସଙ୍ଗଠନ ଦଳପତି
ଖମାର ରେଞ୍ଜ, ଦେବଗଡ଼ ଖଣ୍ଡୀୟ ପରିଚାଳନା ୟୁନିଟ୍

# ଅଧିକ ଦକ୍ଷ ଜଳ ଓ ମୃତ୍ତିକା ସଂରକ୍ଷଣ ପାଇଁ ଅବିଚ୍ଛିନ୍ନ ସମପତନ ବନ୍ଧ

**କିଛି ମନୋନୀତ କ୍ଷେତ୍ର ପରିଚାଳନା ୟୁନିଟ୍ ମୁଖ୍ୟଙ୍କୁ କୃଷି–ପରିବେଶ ପର୍ଯ୍ୟଟନ ଏବଂ ଜଳ ଓ ମୃତ୍ତିକା ସଂରକ୍ଷଣ ଉପରେ କ୍ଷେତ୍ର ପରିଦର୍ଶନ ତଥା ତାଲିମ ପାଇଁ ସେପ୍ଟେମ୍ବର ୨୦୦୮ରେ ମହାରାଷ୍ଟ୍ର ପଠାଯାଇଥିଲା । ଏହି କ୍ଷେତ୍ର ପରିଦର୍ଶନ ପରେ ଓଡ଼ିଶା ପ୍ରଫେସନାଲ ଡେଭେଲପମେଣ୍ଟ ସର୍ଭିସ୍ କନ୍‌ସଲଟାଣ୍ଟ ସହଯୋଗରେ କୋରାପୁଟ ଓ ରାୟଗଡ଼ାରେ ପ୍ରଦର୍ଶନଭିତ୍ତିକ ତାଲିମ ଆୟୋଜନ କରାଯାଇଥିଲା । ନିମ୍ନଲିଖିତ ମଡ଼େଲଗୁଡ଼ିକ ସେହି ତାଲିମ ତଥା ପ୍ରକଳ୍ପ ପକ୍ଷରୁ ନିୟମିତ ପର୍ଯ୍ୟବେକ୍ଷଣର ପ୍ରତିଫଳନ ।**



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ସରଣ୍ଡାମାଳ ବନ ସଂରକ୍ଷଣ ସମିତିର ଉପଚାର ଅଞ୍ଚଳରେ ଅବିଚ୍ଛିନ୍ନ ସମପତନ ବନ୍ଧ ନିର୍ମାଣ କରାଯାଇଛି । କୁଗାସି ସଂରକ୍ଷିତ ଜଙ୍ଗଲର ଏକ ପାହାଡ଼ର ଉପରିଭାଗରେ ବିପରୀତ ଦିଗରେ ଲାଇନ ଟଣାଯିବା ପରେ ଏହା ନିର୍ମାଣ କରାଯାଇଛି । ଏହା ଏକ ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତି ଓ ଏହାର ଉପଚାର ଅଞ୍ଚଳ ୬୫.୭ ହେକ୍ଟର । ଅବିଚ୍ଛିନ୍ନ ସମପତନ ବନ୍ଧର ଲମ୍ବ ୨୦୦୦ ଫୁଟ ଓ ଗଭୀରତା ୨.୫ ଫୁଟ, ଓସାର ୨.୫ ଫୁଟ ଓ ମୂଳଦୁଆ ୩ ଫୁଟ। ଏହି ଖାଇଗୁଡ଼ିକ ଗଡ଼ାଣିକୁ ଭାଙ୍ଗିବାରେ ସହାୟକ ହେଉଥିବାବେଳେ ଗଡ଼ିଯାଉଥିବା ବର୍ଷା ପାଣିର କ୍ଷିପ୍ରତା ମଧ୍ୟ କମ୍ କରିଦେଉଛି । ଏହାଦ୍ୱାରା ବର୍ଷା ଜଳର ପରିସ୍ରବଣ ହୁଏ ଏବଂ ଅବିଚ୍ଛିନ୍ନ ସମପତନ ବନ୍ଧର ତଳିଆ ଓଦାଳିଆ ରହିବାରେ ସହାୟକ ହୁଏ । ଏହି କ୍ଷେତ୍ର ପରିଚାଳନା ୟୁନିଟ୍ ଅନ୍ତର୍ଗତ ସମସ୍ତ ଓଏଫଏସଡିପି ଗ୍ରାମର ସଭ୍ୟସଚିବମାନଙ୍କ ଉପସ୍ଥିତିରେ ଏହି ଅବିଚ୍ଛିନ୍ନ ସମପତନ ବନ୍ଧ ଏକ ପ୍ରଦର୍ଶନ ଢାଞ୍ଚାଭାବେ ନିର୍ମାଣ କରାଯାଇଛି । ଏହି କାର୍ଯ୍ୟ ଦ୍ୱାରା ଜଳ ଓ ମୃତ୍ତିକା ସଂରକ୍ଷଣରେ ଅବିଚ୍ଛିନ୍ନ ସମପତନ ବନ୍ଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଏହାଦ୍ୱାରା ରୋପିତ ହୋଇଥିବା ଚାରା ବଞ୍ଚିବା ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇ ଦିଆଯାଇଥିଲା । ଏହା ଏକ ଜନହିତକର ହସ୍ତକ୍ଷେପ ଓ ସଠିକ ସମୁଚ୍ଚସ୍ତର ରେଖା ଟାଣିବାର ସାଧାରଣ ଜ୍ଞାନ ହାସଲ ଦ୍ୱାରା ନିର୍ମାଣ କରାଯାଇପାରିବ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ଆୟୋଜିତ ତାଲିମ ପାଇବା ପରେ କୁଆଁରମୁଣ୍ଡା କ୍ଷେତ୍ର ପରିଚାଳନା ୟୁନିଟ୍ ମୁଖ୍ୟ ଏହି ପ୍ରଦର୍ଶନ କାର୍ଯ୍ୟର ନକ୍ସା ପ୍ରସ୍ତୁତ କରିବା ସହ କାର୍ଯ୍ୟକାରୀ କରିଛନ୍ତି ।

**ନଳିନିକାନ୍ତ ବେହେରା,** ରେଞ୍ଜ ଅଧିକାରୀ ତଥା
କ୍ଷେତ୍ର ପରିଚାଳନା ୟୁନିଟ୍ ମୁଖ୍ୟ, କୁଆଁରମୁଣ୍ଡା



କେନ୍ଦୁଝର ଖଣ୍ଡୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ଘଟଗାଁ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଅର୍ଜୁନବିଲା ବନ ସଂରକ୍ଷଣ ସମିତି ୨୦୦୮ ମସିହାରେ ଗଠନ କରାଯାଇଥିଲା । ଏଠାରେ ଜଙ୍ଗଲର ଘନତ୍ୱ ୪୦ ପ୍ରତିଶତ ତଳେ ରହୁଥିଲା । ପାଖ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ତାହା ସବୁ ସମୟରେ ବ୍ୟବହାର କରାଯାଇପାରୁ ନଥିଲା ଓ ସେମାନେ କେବଳ ଗୋଟିଏ ଫସଲ (ଧାନ, ମକା କିମ୍ବା ଡାଲିଜାତୀୟ ଫସଲ) କରୁଥିଲେ । ଏପରିକି ଲୋକଙ୍କ ପାଇଁ ପାନୀୟ ଜଳର ସମସ୍ୟା ମଧ୍ୟ ରହିଥିଲା ।

ଏହି ଅଞ୍ଚଳରେ ବାର୍ଷିକ ୯୦୦ ମିଲିଲିଟରରୁ ୧୪୦୦ ମି.ମି. ମଧ୍ୟରେ ବର୍ଷା ହୁଏ । ବର୍ଷା ସମୟରେ ଜଳ ଓ ମୃତ୍ତିକା ପାଇଁ ବନ ସଂରକ୍ଷଣ ସମିତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସହାୟତାରେ ଉପଚାର ହେବାକୁ ଥିବା ଅଞ୍ଚଳରେ ୪୦ଟି ଏଲବିସି, ୧୬୦ଟି ଜଣ୍ଡା ତାଳପତ୍ରରେ ପ୍ରସ୍ତୁତ ବନ୍ଧ, ୧୨୦୦ କ୍ଷୁଦ୍ର ଗର୍ତ୍ତ, ୪ଟି ସମପତନ ବନ୍ଧ, ଲୁଜ୍ ବୋଲଡର ଚେକ୍ ବନ୍ଧ ଏବଂ ଗୋଟିଏ ପରିସ୍ରବଣ ପୋଖରୀ ନିର୍ମାଣ କରିଥିଲା । ଏହି ଅବିଚ୍ଛିନ୍ନ ସମପତନ ବନ୍ଧରେ ୨୦ରୁ ୪୦ଫୁଟ ଅନ୍ତରାଳରେ ଚାରି ଧାଡ଼ି ରହିଛି ଯାହାର ମୋଟ ଲମ୍ବ ୩୦୪୮ ଫୁଟ । ବର୍ଷା ଜଳ ମୃତ୍ତିକା କ୍ଷୟ କରି ବହିଯାଉଥିବାବେଳେ ଏହି ଅବିଚ୍ଛିନ୍ନ ସମପତନ ବନ୍ଧ ଯୋଗୁଁ ତାହା ନ ହୋଇ ପାଣି ମାଟି ଭିତରକୁ ଭେଦିବାରେ ସାହାଯ୍ୟ କରେ । ଏହା ମାଟି ତଳ ଜଳ ଉତ୍ସକୁ ମଧ୍ୟ ପୁନଃଶକ୍ତି ପ୍ରଦାନ କରେ ଓ ଏଥିସହ ସେହି ଅଞ୍ଚଳର ମୃତ୍ତିକା ଜଳ ବ୍ୟବସ୍ଥାକୁ ମଧ୍ୟ ବିକାଶ କରେ, ଯାହାଫଳରେ ଚାରା ଭଲଭାବେ ବଢ଼େ ଓ ଅଧିକ ସଂଖ୍ୟାରେ ଚାରା ବଞ୍ଚେ । କ୍ଷେତ୍ର ପରିଚାଳନା ୟୁନିଟ୍ ମୁଖ୍ୟ ଓ ପ୍ରକଳ୍ପ ପ୍ରୋତ୍ସାହନକାରୀ ଦଳର ଅନ୍ୟ ସଭ୍ୟଙ୍କ ସକ୍ରିୟ ସହଯୋଗ ଯୋଗୁଁ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି ।

**ତ୍ରିଲୋଚନ ରାୟ,** ଏଫଏଲଇ
କେନ୍ଦୁଝର ଖଣ୍ଡୀୟ ପରିଚାଳନା ୟୁନିଟ୍

# ଯାତ୍ରା, ଏକ ସୁନ୍ଦର ଭବିଷ୍ୟତ ଆଡ଼କୁ



ବୀରମିତ୍ରପୁର ରେଞ୍ଜ ଅଧୀନରେ ଥିବା କୁମଝରିଆ ଗ୍ରାମ ପଞ୍ଚାୟତରେ ଥେରଲିବାହାଲ ଏକ ଛୋଟ ଆଦିବାସୀବହୁଳ ଗ୍ରାମ। ଗ୍ରାମର ଅଧିକାଂଶ ମହିଳା କ୍ରସରରେ କାମ କରନ୍ତି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ ୨୦୦୮ ମାର୍ଚ୍ଚ ମାସରେ ଏକ ବନ ସଂରକ୍ଷଣ ସମିତି ଗଠନ କରାଗଲା । ସେଠାରେ ୧୨ ଜଣ ମହିଳାଙ୍କୁ ନେଇ ଗଢ଼ିଉଠିଥିବା 'ମା' ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରକଳ୍ପ ପ୍ରୋତ୍ସାହନକାରୀ ମାନେ ବାରମ୍ବାର ଆଲୋଚନା କରି ଉଦ୍‌ବୁଦ୍ଧ କରାଇଥିଲେ ।

ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଚାୟତ ନିଲାମରେ ଭାଗ ନେଲା ଓ ୮୦୦୦ ଟଙ୍କା ଜମା କରି ସାପ୍ତାହିକ ହାଟରୁ ବ୍ୟବସାୟୀଙ୍କ ଠାରୁ ଖଜଣା ଆଦାୟ କରିବାର ଅଧିକାର ଦୁଇ ବର୍ଷ ପାଇଁ (୨୦୦୮ ଓ ୨୦୦୯) ପାଇଲା । ଏହି ସାପ୍ତାହିକ କୁମଝରିଆ ହାଟ/ଇସି ହାଟ ପ୍ରତି ଶୁକ୍ରବାର ବସେ । ଖଜଣା ଆଦାୟ ପାଇଁ ସଭାନେତ୍ରୀ ସୀତାଦେବୀ ସିଂହ ଓ ସମ୍ପାଦକ ସାବିତ୍ରୀ ସିଂହ ସଭ୍ୟମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ ।

ସାପ୍ତାହିକ ହାଟରୁ ହାରାହାରି ଖଜଣା ପ୍ରାୟ ୩୫୦ ଟଙ୍କାରୁ ୪୫୦ ଟଙ୍କା ଯାଏଁ ଆଦାୟ ହେଉଥିଲା । ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ଚଳିତ ବର୍ଷ ପ୍ରାୟ ୧୫,୦୦୦ ଟଙ୍କା ଖଜଣା ଆଦାୟ କରିବାକୁ ଯୋଜନା କରିଛନ୍ତି । କ୍ଷେତ୍ର ପରିଚାଳନା କେନ୍ଦ୍ର ଦଳର ପରାମର୍ଶ ଅନୁସାରେ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଲାଭଜନକ ରାସ୍ତାକୁ ଆପଣେଇପାରିଛି ।

ବନ ସଂରକ୍ଷଣ ସମିତିର ଋଣ ସହାୟତାରେ ଭବିଷ୍ୟତରେ ସେମାନେ ଥେରଲିବାହାଲସ୍ଥିତ ପଞ୍ଚାୟତ ପୋଖରୀକୁ ଲିଜ୍ ଆକାରରେ ନେଇ ମାଛ ଚାଷ କରିବାକୁ ଯୋଜନା କରିଛନ୍ତି ।

**ତୋଫାନ କୁମାର ନାୟକ,** ବେସରକାରୀ ସଙ୍ଗଠନ ଦଳପତି

ବୀରମିତ୍ରପୁର ରେଞ୍ଜ, ରାଉରକେଲା ଖଣ୍ଡୀୟ ପରିଚାଳନା ୟୁନିଟ୍

# ସ୍ୱଳ୍ପ ଜାଳେଣୀ ଚୁଲା ଦ୍ୱାରା ପରିବେଶ ସୁରକ୍ଷା



ଦେବଗଡ଼ ଖଣ୍ଡୀୟ ପରିଚାଳନା ୟୁନିଟ୍ ପକ୍ଷରୁ ଦେବଗଡ଼ ରେଞ୍ଜ ଅଧୀନ ୧୩ଟି ଗ୍ରାମରେ ୬୮୭ଟି ସ୍ୱଳ୍ପ ଜାଳେଣୀ ଚୁଲା ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରାଯାଇଛି । ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କ ଘରେ ଏହି ଚୁଲା ପ୍ରତିଷ୍ଠା କରାଯାଇଛି ଓ ତାହାଦ୍ୱାରା ଜାଳେଣୀ କାଠ ପାଇଁ ଜଙ୍ଗଲ ଉପରେ ଅଧିକ ଚାପ ପଡ଼ିବ ନାହିଁ । ଏହି ବନଖଣ୍ଡରେ ଥିବା ସମସ୍ତ ବନ ସଂରକ୍ଷଣ ସମିତି ଅଞ୍ଚଳରେ ଏପରି ଚୁଲା ପ୍ରତିଷ୍ଠା କରାଯିବାକୁ ଖଣ୍ଡୀୟ ପରିଚାଳନା ୟୁନିଟ୍ ପକ୍ଷରୁ ଯୋଜନା କରାଯାଇଛି । ଯେଉଁ ବିଦ୍ୟାଳୟଗୁଡ଼ିକରେ ପରିବେଶ କ୍ଲବ୍ (ଇକୋ କ୍ଲବ୍) ଥିବ ସେଥିରେ ମଧ୍ୟ ଏହି ଚୁଲା ପ୍ରତିଷ୍ଠା କରାଯିବ ।

ଏହି ଚୁଲାରେ ଖାଦ୍ୟ ରାନ୍ଧିବା ପାଇଁ ସ୍ୱଳ୍ପ ଜାଳେଣୀ ଆବଶ୍ୟକ ହୁଏ ଓ ଧୂଆଁ ଏକ ଛୋଟ ଚିମିନି ଦେଇ ବାହାରକୁ ଚାଲିଯାଏ। ଏହି ଚୁଲା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ଆବିଷ୍କାର କରାଯାଇଛି । ଦେବଗଡ଼ ରେଞ୍ଜ ଅନ୍ତର୍ଗତ ଆମ୍ବୁଲପାଣି, ବାରଗାଡ଼ିଆ, ଭାଲୁଗୁହା, ବିଲେଇଘାଟି, ଗୁଣ୍ଡେଇମରା, ହଦମୁଣ୍ଡା, ଝାଲିଆମରା, କୁଆଜିଭଙ୍ଗା, କଣ୍ଢେଇକୋଳି, ପୋହଳାମରା, ପୁରୁଣାପାଣି, ସାହାଜବାହାଲ ଏବଂ ପ୍ରଭାଶୁଣୀ ପ୍ରଭୃତି ବନ ସଂରକ୍ଷଣ ସମିତି ଅଞ୍ଚଳରେ ଏହି ଚୁଲା ପ୍ରତିଷ୍ଠା କରାଯାଇଛି । ଏହି ଉଦ୍ୟମ ଦ୍ୱାରା ଜଙ୍ଗଲ ଉପରେ ଜାଳେଣୀ କାଠ ପାଇଁ ଚାପ କମିଯିବ ଓ ଏହାଦ୍ୱାରା ପରିବେଶର ବିକାଶ ହୋଇପାରିବ ।

**ଭୀମସେନ ମହାରଣା,** ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା ୟୁନିଟ୍ ମୁଖ୍ୟ, ଦେବଗଡ଼




## ୬୮୭ଟି ପରିବାରକୁ ଦିଆଗଲା ଧୂମବିହିନ ଚୁଲା

ଜଙ୍ଗଲ କ୍ଷୟ ରୋକିବା ପାଇଁ ବନ ବିଭାଗର ଅଭିନବ ପଦକ୍ଷେପ


ସମାଜ

## ଗୋବର ଗ୍ୟାସ

### ଦଶ ଜଣ ହିତାଧିକାରୀଙ୍କ ପାଇଁ ପ୍ରସ୍ତୁତ ହୋଇଛି



ଅକ୍ଷୟ ଶକ୍ତି (ଓରେଡ଼ା) କାର୍ଯ୍ୟକ୍ରମ ସହ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଦ୍ୱାରା ଏକାଭିମୁଖୀକରଣ ସହାୟତାରେ ରାୟଗଡ଼ା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ କେ. ସିଂହପୁର କ୍ଷେତ୍ର ପରିଚାଳନା ୟୁନିଟ୍ ଅଧୀନରେ ଥିବା କଟକୀନାଳ ବନ ସଂରକ୍ଷଣ ସମିତିରେ ଗୋବର ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି । ଏଥିପାଇଁ ଦଶ ଜଣ ହିତାଧିକାରୀ ଆବେଦନ କରିଥିଲେ ମଧ୍ୟ ବନ ବିଭାଗ ଓ ଓରେଡ଼ା ଅଧିକାରୀମାନଙ୍କ ଦ୍ୱାରା ତନଖି କରାଯାଇ ପ୍ରଥମ ପର୍ଯ୍ୟାୟରେ ଛଅ ଜଣ ହିତାଧିକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଏବେ ଏହି ପ୍ଲାଣ୍ଟର କାମ ସମ୍ପୂର୍ଣ୍ଣ ହୋଇଛି । ଛଅ ଜଣ ହିତାଧିକାରୀ ଏହି ସୁବିଧା ପାଇବା ପରେ ବନ ସଂରକ୍ଷଣ ସମିତିର ଅନ୍ୟ ସଭ୍ୟମାନେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହୋଇଥିବା ଲକ୍ଷ୍ୟ କରାଯାଇଛି ।



# ଗଭର୍ଣ୍ଣିଂ ବଡ଼ିର ନବମ ବୈଠକ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଗଭର୍ଣ୍ଣି ବଡ଼ିର ନବମ ବୈଠକ ଶ୍ରୀ ଏସ.ପି. ନନ୍ଦ, ଭା.ପ୍ର.ସେ., ଏସି.ଏସ. ତଥା ଉନ୍ନୟନ କମିଶନର ଏବଂ କୃଷି ଉତ୍ପାଦନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟଠାରେ ୨୯ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଚିଠା କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରାଯାଇ ଉଚ୍ଚ ଶକ୍ତି ସମ୍ପନ୍ନ କମିଟି ଦ୍ୱାରା ଗୃହୀତ କରାଯିବାକୁ ସ୍ଥିର କରାଯାଇଛି । ସେବା ଯୋଗାଣକାରୀ ସଂସ୍ଥା ଦ୍ୱାରା ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ମାସିକ ବେତନ ବୃଦ୍ଧି ପ୍ରସ୍ତାବକୁ ପରିଚାଳନା ପରିଷଦ ମଞ୍ଜୁର ପ୍ରଦାନ କରିଛନ୍ତି ।



ଏଏନଆର ୧,୩୮,୦୦୦ ହେକ୍ଟର   ବ୍ଲକ୍ ବୃକ୍ଷରୋପଣ ୩୯୬୫୦ ହେକ୍ଟର   ଏଆର ୧୯୦୦୦ ହେକ୍ଟର   ଉପକୂଳବର୍ତ୍ତୀ ବୃକ୍ଷରୋପଣ ୨୮୧୦ ହେକ୍ଟର

# ସବୁଜିମା ଆଡ଼କୁ



ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦୁଇଟି ମୁଖ୍ୟ ଲକ୍ଷ୍ୟ ହେଲା, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ଜଙ୍ଗଲ ତଥା ତାହାର ଆଖପାଖରେ ବସବାସ କରୁଥିବା ଗ୍ରାମବାସୀଙ୍କ ଆୟସ୍ତରକୁ ବିକଶିତ କରିବା । ୧୧ଟି ବନଖଣ୍ଡରେ ମୋଟ ୧୯୬,୬୫୦ ହେକ୍ଟର ଜଙ୍ଗଲର ପୁନରୁଦ୍ଧାର କରିବା ପାଇଁ ପ୍ରକଳ୍ପ ଲକ୍ଷ୍ୟ ରଖିଛି। ସେଥିରେ ରହିଛି ୧୩୮,୦୦୦ ହେକ୍ଟର ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ, ୩୯,୬୫୦ ହେକ୍ଟର ସମୂହ ବୃକ୍ଷରୋପଣ ଏବଂ ୧୯,୦୦୦ ହେକ୍ଟର (ଏଏଆର) ଶାଗୁଆନ ବୃକ୍ଷରୋପଣ। ୨୦୦୯–୧୦ରେ ହୋଇଥିବା ଲକ୍ଷ୍ୟ ସାଧନ ଓ ୨୦୦୯–୧୦ ବର୍ଷ ସୁଦ୍ଧା ହୋଇଥିବା ଲକ୍ଷ୍ୟ ସାଧନର ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| | ବୃକ୍ଷରୋପଣର ପ୍ରକାରଭେଦ | ୨୦୦୯–୧୦ରେ ଲକ୍ଷ୍ୟ ହାସଲ ୩୦.୦୯.୦୯ ସୁଦ୍ଧା | ୨୦୦୯–୧୦ ସୁଦ୍ଧା ମୋଟ ଲକ୍ଷ୍ୟ ହାସଲ |
|---|---|---|---|
| (କ) | ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ | ୪୩୧୩୫ ହେ. | ୬୮୩୪୬ ହେ. |
| (ଖ) | ସମୂହ ବୃକ୍ଷରୋପଣ | | |
| | ଆର୍ଥିକ | ୧୩୬୫.୫ ହେ. | ୨୩୦୫ ହେ. |
| | ଜାଳେଣୀ ଓ ଚାରା | ୧୬୬୩.୫ ହେ. | ୨୫୨୧ ହେ. |
| | ବାଉଁଶ ଓ ବେତ | ୪୩୧ ହେ. | ୮୮୦ ହେ. |
| | ଅଣକାଷ୍ଠ ବନଜାତ ଦ୍ରବ୍ୟ | ୧୮୦୭ ହେ. | ୪୪୫୧ ହେ. |
| (ଗ) | ଉପକୂଳୀୟ ବୃକ୍ଷରୋପଣ | | |
| | ହେନ୍ତାଳ | ୫୫୦ ହେ. | ୮୭୦ ହେ. |
| | ଝାଉଁ | ୧୧ ହେ. | ୬୧ ହେ. |
| (ଘ) | ଶାଗୁଆନ | ୨୫୩୫ ହେ. | ୩୧୬୦ ହେ. |







# ଘରପଛ ବାଡ଼ିରେ କୁକୁଡ଼ା ଚାଷ





ପ୍ରତିପାଳନକ୍ଷମ ଜଙ୍ଗଲ ପରିଚାଳନା ସହ ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀର ଜୀବିକା ନିର୍ବାହ ସୁରକ୍ଷାକୁ ପ୍ରୋତ୍ସାହନ ଦେବାକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଲକ୍ଷ୍ୟ ରଖିଛି ।

କୁକୁଡ଼ା ମାଂସର ବୃଦ୍ଧି ପାଉଥିବା ବଜାର, କାର୍ଯ୍ୟକାରୀ ହୋଇପାରୁଥିବା ପ୍ରମାଣିତ ଜ୍ଞାନକୌଶଳ, ଗ୍ରାମାଞ୍ଚଳ ଗୋଷ୍ଠୀର ବ୍ୟବହାର, କୁକୁଡ଼ା ପାଳିବାର ଅଭିଜ୍ଞତା ଓ ଅଭ୍ୟାସ ତଥା ସ୍ୱୟଂ ସହାୟକ ଗୋଷ୍ଠୀରେ ଉପଲବ୍ଧ ମାନବ ସମ୍ବଳ ଏବଂ ଘର ପଛ ବାଡ଼ି ଯୋଗୁଁ ସାମଗ୍ରିକ ଆୟ ବୃଦ୍ଧିରେ କୁକୁଡ଼ା ପାଳନ ଏକ ଭଲ ଉପାୟ । ଏସବୁକୁ ଦୃଷ୍ଟିରେ ରଖି ପ୍ରକଳ୍ପର ବହୁ ବନ ସଂରକ୍ଷଣ ସମିତିକୁ ବନରାଜ କୁକୁଡ଼ା ଛୁଆ ଯୋଗାଇ ଦିଆଯାଇଛି ।

ଜୟପୁର ଖଣ୍ଡୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ପ୍ରଥମ ଦଫା ବନ ସଂରକ୍ଷଣ ସମିତି ଅଧୀନସ୍ଥ ତିନିଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପଥପ୍ରଦର୍ଶକ ଆୟକାରୀ ପନ୍ଥା ଦ୍ୱାରା ବନ ସଂରକ୍ଷଣ ସମିତ ଆବର୍ତ୍ତନ ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯାଇଥିଲା । ଗୁପ୍ତେଶ୍ୱର ରେଞ୍ଜ ଅନ୍ତର୍ଗତ କୁରୁପଦର ଏବଂ ଗୋଏଲକୁଣ୍ଡ ବନ ସଂରକ୍ଷଣ ସମିତିରେ ପ୍ରାଥମିକ ଭାବେ ୬୩୦ ପକ୍ଷୀ ଯୋଗାଇ ଦିଆଯାଇଥିଲା । ଗୋଷ୍ଠୀର ସଫଳତା ଜୀବିକା ନିର୍ବାହ ସୁଯୋଗ ସୃଷ୍ଟିର ଲକ୍ଷ୍ୟନେଇ ପଥ ପ୍ରଦର୍ଶକ କୁକୁଡ଼ା ପାଳନ କେନ୍ଦ୍ର ଆରମ୍ଭ କରାଯାଇଥିଲା । କୁକୁଡ଼ା ବିକ୍ରି ପାଇଁ ଭଲ ବଜାର ପାଇବା ପରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ଏହି ବ୍ୟବସାୟକୁ ନେଇ ଏବେ ଖୁସି ଅଛନ୍ତି । ବର୍ଷସାରା ଏହି ବ୍ୟବସାୟ ଜାରି ରଖିବାକୁ ସେମାନେ ଏବେ ବଦ୍ଧପରିକର ।

**କିଶୋର କୁମାର ସାହୁ,** ବେସରକାରୀ ସଙ୍ଗଠନ ଦଳପତି
ଗୁପ୍ତେଶ୍ୱର ରେଞ୍ଜ, ଜୟପୁର ଖଣ୍ଡୀୟ ପରିଚାଳନା ୟୁନିଟ୍

## ଅଣକାଷ୍ଠ ବନଜାତ ଦ୍ରବ୍ୟ କିଣାବିକାରେ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟସ୍ଥି

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପରେ ଜୟପୁର ଖଣ୍ଡୀୟ ପରିଚାଳନା ୟୁନିଟ୍ ଅନ୍ତର୍ଗତ ବୋରିଗୁମ୍ମା କ୍ଷେତ୍ର ପରିଚାଳନା ୟୁନିଟ୍ ଅଧୀନ ଜାନିଗୁଡ଼ାରେ ମା' ଡଙ୍ଗରଦେଇ ବୁଢ଼ାରାଜା ବନ ସଂରକ୍ଷଣ ସମିତି ୨୦୦୭ରେ ଗଠିତ ହୋଇଥିଲା । ଗ୍ରାମରେ ମୋଟ ୯୪ ଘର ଥିବାବେଳେ ଜନସଂଖ୍ୟା ୩୬୫। ପ୍ରାୟ ସମସ୍ତ ଘର ଆଦିବାସୀ ସମ୍ପ୍ରଦାୟର ଓ ଦିନ ମଜୁରିଆ ଶ୍ରେଣୀର । ଏହି ବନ ସଂରକ୍ଷଣ ସମିତିର 'ବୁଢ଼ୀ ଠାକୁରାଣୀ' ନାମକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଜଣ ସଭ୍ୟାଙ୍କୁ ନେଇ ୨୦୦୧ରେ ଗଠିତ ହୋଇଥିଲା । କେବଳ ସଞ୍ଚୟକୁ ଛାଡ଼ି ଦେଲେ ଏହି ଗୋଷ୍ଠୀଟି ଆଭ୍ୟନ୍ତରୀଣ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ଓ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସମ୍ପର୍କରେ ଅଜ୍ଞ ଥିଲା ।

ପ୍ରକଳ୍ପ ସହଯୋଗୀ ବେସରକାରୀ ସଙ୍ଗଠନ 'ଆର୍ଯ୍ୟନ' ଏହି ଗୋଷ୍ଠୀର ସଭ୍ୟମାନଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଯଥା ପରିବା ଚାଷ, ଧାନ ବ୍ୟବସାୟ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ ବ୍ୟବସାୟ ଆଦି ସମ୍ପର୍କରେ ସଚେତନ କରାଇଲା । ଚାରିକୋଳି ଓ ଅନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟ ନିକଟସ୍ଥ ଜଙ୍ଗଲରେ ପ୍ରଚୁର ପରିମାଣରେ ମିଳୁଥିଲା । ଅଣକାଷ୍ଠ ବନଜାତ ଦ୍ରବ୍ୟର ଅଭାବୀ ବିକ୍ରି ଯୋଗୁଁ ଏବଂ ଦଲାଲ/ମଧ୍ୟସ୍ଥିଙ୍କ ଯୋଗୁଁ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ବ୍ୟବସାୟ କରିବାକୁ କୁଣ୍ଠାବୋଧ କରୁଥିଲା । ବେସରକାରୀ ସଙ୍ଗଠନର ଦଳ ସହ ବାରମ୍ବାର ବୈଠକ କରିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀ ଚାରକୋଳି ବ୍ୟବସାୟ କରିବାକୁ ରାଜି ହୋଇଥିଲା ।



ବନ ସଂରକ୍ଷଣ ସମିତିର ୨୦,୦୦୦ ଟଙ୍କା ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ କେ.ଜି. ପ୍ରତି ୧୪.୫୦ ଟଙ୍କା ଦରରେ ୧୪ କୁଇଣ୍ଟାଲ ଚାରକୋଳି କିଣିଲା । ଉପଯୁକ୍ତ ବିଶୋଧନ ଓ ପ୍ରକ୍ରିୟାକରଣ କରିବା ପରେ ସେହି ଚାରକୋଳି ୧୩.୭ କୁଇଣ୍ଟାଲ ଓଜନର ହୋଇଗଲା । ତାହାକୁ ସେମାନେ ବୋରିଗୁମ୍ମାର ଜଣେ ବ୍ୟବସାୟୀଙ୍କୁ କେ.ଜି. ପ୍ରତି ୨୦ ଟଙ୍କା ଦରରେ ବିକ୍ରି କରିଦେଲେ ଏବଂ ୭୧୮୦ ଟଙ୍କା ଲାଭ ପାଇଲେ। ସ୍ୱୟଂ ସହାୟକ ଗୋଷ୍ଠୀ ୨୦,୦୦୦ ଟଙ୍କା ଋଣ ସହ ୪୦୦ ଟଙ୍କା ସୁଧ ବନ ସଂରକ୍ଷଣ ସମିତିକୁ ଫେରାଇଦେଲା । ଆଗାମୀ ବର୍ଷଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀ ଅଧିକ ଓଜନର ଚାରକୋଳି କିଣିବା ସହ ସମାନ ଧରଣର ଅନ୍ୟ ସାମଗ୍ରୀ ମଧ୍ୟ କିଣିବାକୁ ଯୋଜନା କରିଛି ।

**ବେସରକାରୀ ସଙ୍ଗଠନ ଦଳପତି**
ବୋରିଗୁମ୍ମା କ୍ଷେତ୍ର ପରିଚାଳନା ୟୁନିଟ୍
ଜୟପୁର ଖଣ୍ଡୀୟ ପରିଚାଳନା ୟୁନିଟ୍

## ଗୃହ ଯତ୍ନ ଦାତବ୍ୟ ଟ୍ରଷ୍ଟ ସହ ସଂଯୋଗ



ଲକ୍ଷ୍ୟ ଧାର୍ଯ୍ୟ ଗୋଷ୍ଠୀକୁ ଏକ ବିକଶିତ ଜୀବନ ଧାରଣ ପାଇଁ ପ୍ରସ୍ତୁତ କରାଇବା ଏବଂ ଏଥିପାଇଁ ସେମାନଙ୍କ କୌଶଳର ବିକାଶ କରାଇବା ଓ ଉଦ୍ୟୋଗ ପ୍ରବୃତ୍ତ କରାଇବାକୁ ପ୍ରକଳ୍ପ ଲକ୍ଷ୍ୟ ରଖିଛି । ସଫଳତା ସହ ଏକ ଉଦ୍ୟୋଗ ଚଳାଇବାକୁ ଲୋକଙ୍କୁ ଉପଯୁକ୍ତ କୌଶଳ ପ୍ରଦାନ ଏକ ଆନୁଷଙ୍ଗିକ ବିଷୟଭାବେ ରହିଆସିଛି ଏବଂ ତାହା ଲକ୍ଷ୍ୟହାସଲ ଦିଗରେ ଏକ ମୁଖ୍ୟ ଉପାଦାନ । ନିକଟରେ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରସ୍ଥିତ ଗୃହ ଯତ୍ନ ଦାତବ୍ୟ ଟ୍ରଷ୍ଟ (ହୋମ୍ କେୟାର ଚାରିଟେବୁଲ୍ ଟ୍ରଷ୍ଟ) ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ଆଚାର, ସସ୍, ଛତୁ, ଗୁଗୁଡ଼ୀ ଚାଷ, କୁକୁଡ଼ା ଚାଷ, ସିଲେଇ, ଏମ୍ବ୍ରୋଡେରୀ, ଫିନାଇଲ, ସାବୁନ, ଅଗରବତୀ, ଲୁଗାସଫା ପାଉଡର, ମହମବତୀ ଆଦି ପ୍ରସ୍ତୁତ ଉପରେ ତାଲିମ ନେଇ ଏକ ପ୍ୟାକେଜ ପ୍ରସ୍ତୁତ କରିଛି ।

ସରଣ୍ଡାମାଲ ବନ ସଂରକ୍ଷଣ ସମିତିରେ ସେମାନେ ଏହି ସବୁ ସାମଗ୍ରୀ ପ୍ରସ୍ତୁତି ନେଇ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରିବା ସହ ଲାଭ ଅର୍ଜନ ପାଇଁ ଆବଶ୍ୟକ ଅର୍ଥନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ । ଏବେ ସେମାନେ ତିନିଟି ସାମଗ୍ରୀକୁ ଏକତ୍ର କରି ବନ ସଂରକ୍ଷଣ ସମିତିର ଅତି କମ୍‌ରେ ଏକ ୧୦ ଜଣିଆ ଗୋଷ୍ଠୀକୁ ତାଲିମ ପ୍ରଦାନ କରିବାକୁ ଏକ ଖସଡ଼ା ପ୍ରସ୍ତୁତ କରିଛନ୍ତି । ଏହି ସାମଗ୍ରୀଗୁଡ଼ିକ ମଣିଷର ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବାରୁ ତାହାର ବଜାର ଚାହିଦା ବୃଦ୍ଧିପାଉଛି ।

ଏହି ସାମଗ୍ରୀଗୁଡ଼ିକ ବିକ୍ରି ନ ହେଲେ ତାହା ବିକ୍ରି କରିବାର ଦାୟିତ୍ୱ ମଧ୍ୟ ଟ୍ରଷ୍ଟ ନେଉଛି । ଏହି ତାଲିମ କାର୍ଯ୍ୟକ୍ରମକୁ ବ୍ୟାପକଭାବେ ପ୍ରଶଂସା କରାଯାଇଥିଲା ଓ ତାଲିମ ନେବାକୁ ସାତୋଟି ପ୍ରକଳ୍ପ ଗ୍ରାମରୁ ଆସିଥିବା ଅଂଶଗ୍ରହଣକାରୀମାନେ ମଧ୍ୟ ତାହାକୁ ଗ୍ରହଣ କରିଥିଲେ । ଗ୍ରାମାଞ୍ଚଳ ମହିଳାମାନଙ୍କର ଆୟ ବୃଦ୍ଧିର ସମ୍ଭାବନା ରହିଛି ଓ ସେହି ସମ୍ଭାବନାକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି । ଲୋକେ ନିକଟ ଭବିଷ୍ୟତରେ ଏହାର ସଫଳତା ହାସଲ କରିପାରିବେ ।

**ରେଞ୍ଜ ଅଧିକାରୀ ତଥା କ୍ଷେତ୍ର ପରିଚାଳନା ୟୁନିଟ୍ ମୁଖ୍ୟ,**
**କୁଆଁରମୁଣ୍ଡା**

# ବୈଦେଶିକ ଶିକ୍ଷା ଭ୍ରମଣ

ତିନିଟି ବୈଦେଶିକ ଶିକ୍ଷା ଭ୍ରମଣ ସମେତ ଗୋଟିଏ ଜାତୀୟସ୍ତରର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

ଜାପାନରେ ଅନୁଷ୍ଠିତ ଆନ୍ତର୍ଜାତିକ ଶିକ୍ଷା ଭ୍ରମଣ ଦୁଇ ଦଫାରେ ଆୟୋଜିତ ହୋଇଥିଲା। ପ୍ରଥମ ଦଫାରେ ପାଞ୍ଚ ଜଣ ଅଧିକାରୀ ୧୮ରୁ ୨୫ ଅଗଷ୍ଟ ୨୦୦୯ ଯାଏଁ ଜାପାନ ଭ୍ରମଣରେ ଯାଇଥିବାବେଳେ ଦ୍ୱିତୀୟ ଦଫାରେ ଆଠଜଣ ଅଧିକାରୀ ୨୮ଅଗଷ୍ଟରୁ ୨ ସେପ୍ଟେମ୍ବର ଯାଏଁ ଜାପାନ ଭ୍ରମଣରେ ଯାଇଥିଲେ ।

ସେମାନେ ସେଠାରେ ଜାପାନ ସରକାରଙ୍କ କୃଷି, ଜଙ୍ଗଲ ଓ ମତ୍ସ୍ୟ ମନ୍ତ୍ରଣାଳୟ (ଏମଏଏଫଏଫ)କୁ ଯାଇ ଉଚ୍ଚ ପଦାଧିକାରୀଙ୍କ ସହ ଜାପାନର ଜଙ୍ଗଲ ନୀତି ଉପରେ ଆଲୋଚନା କରିଥିଲେ । ପରେ ସେମାନେ ଜାଇକା ମୁଖ୍ୟ କାର୍ଯ୍ୟାଳୟ, ଆକିତା ପ୍ରିଫେକ୍ଚର କାର୍ଯ୍ୟାଳୟ, ଘରୋଇ ଦେବଦାରୁ ବୃକ୍ଷରୋପଣ ଅଞ୍ଚଳ, ସିରାକାମୀ–ସାଞ୍ଚି ଉପକୂଳ ଅଞ୍ଚଳର ଜଙ୍ଗଲ, କାମାୟା ସମୁଦ୍ର ଉପକୂଳର ବୃକ୍ଷରୋପଣ ଅଞ୍ଚଳ ତଥା ମିତାନି ସହରରେ ଜାପାନ ସମୁଦ୍ର, ଟୋକିଓ ସ୍ଥିତ କୋସିକାୱା କୋରାକୁଏନ ଉଦ୍ଭିଦ ଉଦ୍ୟାନ ଓ ୟାଶୁ ହିଗାତା (କୁଆର ଗୃହ) ପର୍ଯ୍ୟବେକ୍ଷଣ କେନ୍ଦ୍ର, ସୁକୁବା ସହରସ୍ଥିତ ବନାଞ୍ଚଳ ଏବଂ ବନଜାତ ଦ୍ରବ୍ୟ ଗବେଷଣା ପ୍ରତିଷ୍ଠାନ (ଏଫଏଫପିଆରଆଇ), ଆକିତା ପ୍ରିଫେକ୍ଚ ସ୍ତରୀୟ ସମବାୟ କାଠ କାରଖାନା, ବୃକ୍ଷରୋପଣ ଅଞ୍ଚଳରୁ ଯନ୍ତ୍ରଚାଳିତ ବୃକ୍ଷ ଅମଳ ଦେଖିବାକୁ ହୋରିକାୱା ବନାଞ୍ଚଳ କମ୍ପାନି, କାଦୋୱାକି କମ୍ପାନିର କାରଖାନା, ନିଶିକି ମୁରକୋ ଉତ୍ପାଦନ କେନ୍ଦ୍ର, ଜାପାନିଜ୍ କଳା ଦେବଦାରୁ ରୋପିତ ହୋଇଥିବା ଉପକୂଳ ଅଞ୍ଚଳ ଆଦି ସ୍ଥାନ ଭ୍ରମଣ କରିଥିଲେ । ଟୋକିଓ ସ୍ଥିତ ଜାଇକା ମୁଖ୍ୟ କାର୍ଯ୍ୟାଳୟରେ ଓଏଫଏସଡିପିରେ ସାମିଲ କରାଯାଇଥିବା ଅଭିନବ ବୈଶିଷ୍ଟ୍ୟକୁ ଗୁରୁତ୍ୱ ପ୍ରଦାନ କରି ଦ୍ୱିତୀୟ ଦଫାର ଅଧିକାରୀମାନେ ଏକ ଉପସ୍ଥାପନ କରିଥିଲେ, ଯାହାକି ଉଚ୍ଚ ପ୍ରଶଂସିତ ହୋଇଥିଲା ।


ପ୍ରଥମ ଦଫା ଅଧିକାରୀଗଣ ନିପନକୋଇ ମୁଖ୍ୟ କାର୍ଯ୍ୟାଳୟରେ


ପ୍ରଥମ ଦଫା ଅଧିକାରୀଗଣ ଜାଇକା ମୁଖ୍ୟ କାର୍ଯ୍ୟାଳୟରେ


ପ୍ରଥମ ଦଫା ଅଧିକାରୀଗଣ ସୁକୁବାସ୍ଥିତ ଏଫଏଫପିଆରଆଇ ସମ୍ମୁଖରେ


ବନ ଓ ପରିବେଶ ବିଭାଗ ସଚିବ ଏବଂ ପିଡ଼ି ଜଣେ ଜଙ୍ଗଲ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି


ତୃତୀୟ ଦଫା ଅଧିକାରୀଗଣ ଜାଇକା ମ୍ୟାନଗ୍ରୁଭ ସୂଚନାକେନ୍ଦ୍ର ମଧ୍ୟରେ


ତୃତୀୟ ଦଫା ଅଧିକାରୀଗଣ ଏକ ବାଉଁଶ କୁଡ଼ିଆ ନିକଟରେ


ତୃତୀୟ ଦଫା ଅଧିକାରୀଗଣ ଜାଇକା ମ୍ୟାନଗ୍ରୁଭ ସୂଚନାକେନ୍ଦ୍ର ସମ୍ମୁଖରେ


ଦ୍ୱିତୀୟ ଦଫା ଅଧିକାରୀଗଣ ଏକ ଜଙ୍ଗଲ ଅଞ୍ଚଳ ପରିଦର୍ଶନ କରୁଛନ୍ତି


ଦ୍ୱିତୀୟ ଦଫା ଅଧିକାରୀଗଣ ଏକ କାଠ କାରଖାନାରେ


ଦ୍ୱିତୀୟ ଦଫା ଅଧିକାରୀଗଣ ତାଡସୁ ହିଗାତାରେ (କୁଆର ପର୍ଯ୍ୟବେକ୍ଷଣ କେନ୍ଦ୍ର)


ଜାଇକା ମୁଖ୍ୟ କାର୍ଯ୍ୟାଳୟରେ ପିଡ଼ି ଓଏଫଏସଡିପି ଉପରେ ପ୍ରଦର୍ଶନ କରୁଛନ୍ତି


ଜାଇକା କର୍ମକର୍ତ୍ତାଙ୍କୁ ପିଡ଼ି 'ଓଏଫଏସଡିପି ଆଟ୍ ଏ ଗ୍ଲାନ୍ସ' ପୁସ୍ତକ ପ୍ରଦାନ କରୁଛନ୍ତି

ତୃତୀୟ ଦଫାରେ ସାତଜଣ ବରିଷ୍ଠ ବନ ଅଧିକାରୀ ସେପ୍ଟେମ୍ବର ୨୩ରୁ ୩୦ ତାରିଖ ଯାଏଁ ଫିଲିପାଇନ୍ସ ଓ ଇଣ୍ଡୋନେସିଆ ଭ୍ରମଣରେ ଯାଇଥିଲେ । ସେମାନେ ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରୁରାଲ ରିକନ୍‌ଷ୍ଟ୍ରକ୍ସନ, ମାନିଲାର କ୍ୟୁଜୋନ ସହରସ୍ଥିତ ମାର୍ଲୋ ମାନ ଡୋଜା ଡିଏନଆରଏମ (ଜଙ୍ଗଲ ପରିଚାଳନା ବ୍ୟୁରୋ), ଲସ୍‌ବାନୋସସ୍ଥିତ ଫିଲିପାଇନ୍ସ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମାଉଣ୍ଟ ମାକ୍‌ଲିଙ୍ଗ ସଂରକ୍ଷିତ ଜଙ୍ଗଲ, ସାମାଜିକ ବନାଞ୍ଚଳ ଓ ବନ ପ୍ରଶାସନ ବିଭାଗ, ୟୁପିଏଲବି, ଲେଗୁନା, ବାଲିସ୍ଥିତ ମ୍ୟାନଗ୍ରୁଭ ସୂଚନା କେନ୍ଦ୍ର, ଇଣ୍ଡୋନେସିଆ ଉବୁଦ ସହରସ୍ଥିତ ଲିଣ୍ଡା ଗ୍ୟାରଲାଣ୍ଡ ବାଉଁଶ କେନ୍ଦ୍ର ଓ ପଶ୍ଚିମ ବାଲି ପାର୍କ ଆଦି ସ୍ଥାନ ଭ୍ରମଣ କରିଥିଲେ ।

ମିଡିଆ ମ୍ୟାନେଜମେଣ୍ଟ ଆଣ୍ଡ ଡକ୍ୟୁମେଣ୍ଟେସନ୍ ସ୍କିଲ (ଗଣମାଧ୍ୟମ ପରିଚାଳନା ଓ ଦଲିଲକରଣ କୌଶଳ) ଶୀର୍ଷକ ଜାତୀୟ ତାଲିମ କର୍ମଶାଳା ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଠାରେ ୨ରୁ ୪ ସେପ୍ଟେମ୍ବର ୨୦୦୯ ଯାଏଁ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୩ ଜଣ ରେଞ୍ଜ ଅଧିକାରୀ ପ୍ରକଳ୍ପ ପରିଚାଳନା କେନ୍ଦ୍ରର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଭାଗ ନେଇଥିଲେ ।

# ସୋସାଇଟିର ନୂତନ ଅଧକ୍ଷ ଓ ଉପାଧକ୍ଷ



ଶ୍ରୀ ଅଜିତ କୁମାର ତ୍ରିପାଠୀ, ଭା.ପ୍ର.ସେ., ମୁଖ୍ୟ ଶାସନ ସଚିବ, ଓଡ଼ିଶା ତଥା ସୋସାଇଟିର ଅଧକ୍ଷ ଅବସର ବୟସ ସୀମାରେ ଉପନୀତ ହେବା ପରେ ୩୧.୦୮.୨୦୦୯ରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କର ମୂଲ୍ୟବାନ ସହଯୋଗ ଓ ପରାମର୍ଶ ସ୍ୱୀକାର କରି ତାଙ୍କର ଅବସର ସମୟ ସରସ ଓ ସୁଖମୟ ହେଉ ବୋଲି ସୋସାଇଟି କାମନା କରୁଛି ।

ଶ୍ରୀ ତରୁଣକାନ୍ତି ମିଶ୍ର, ଭା.ପ୍ର.ସେ., ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଭାବେ ତଥା ସୋସାଇଟିର ଅଧକ୍ଷଭାବେ ୦୧.୦୯.୨୦୦୯ରେ ଯୋଗ ଦେଇଛନ୍ତି । ସୋସାଇଟି, ନୂତନ ଅଧକ୍ଷଙ୍କୁ ସ୍ୱାଗତ କରୁଛି ଏବଂ ତାଙ୍କ ଉତ୍ସାହୀ ନେତୃତ୍ୱ ବଳରେ ନୂତନ ଦିଗନ୍ତରେ ପହଞ୍ଚିବାର ଆଶା ରଖିଛି।





ଶ୍ରୀ ସତ୍ୟ ପ୍ରକାଶ ନନ୍ଦ, ଭା.ପ୍ର.ସେ., ଓଡ଼ିଶା ସରକାରଙ୍କ କୃଷି ଉତ୍ପାଦନ କମିଶନର ଏବଂ ସୋସାଇଟିର ଉପାଧକ୍ଷ ବଦଳି ହେବା ପରେ ୦୩.୦୯.୨୦୦୯ରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ୦୪.୦୯.୨୦୦୯ରେ ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନରଭାବେ ଦାୟିତ୍ୱ ନେଇଛନ୍ତି । ପ୍ରକଳ୍ପ ସହ ତାଙ୍କର ନିବିଡ଼ ସମ୍ପର୍କ ଯୋଗୁଁ ସୋସାଇଟି, ତାଙ୍କ ନିକଟରେ ଚିର ଋଣୀ ଏବଂ ସେ ସେହି ସମ୍ପର୍କ ଓ ସହଯୋଗ ବଜାୟ ରଖିବେ ବୋଲି ଆଶା କରୁଛି ।

ଶ୍ରୀ ରବି ନାରାୟଣ ସେନାପତି, ଭା.ପ୍ର.ସେ., ଓଡ଼ିଶା ସରକାରଙ୍କ କୃଷି ଉତ୍ପାଦନ କମିଶନର ଏବଂ ସୋସାଇଟିର ଉପାଧ୍ୟକ୍ଷ ଭାବେ ୦୧.୦୯.୨୦୦୯ରେ ଯୋଗ ଦେଇଛନ୍ତି । ସୋସାଇଟି, ନୂତନ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିବା ସହ ତାଙ୍କ ପରାମର୍ଶରେ ପ୍ରକଳ୍ପ ଲକ୍ଷ୍ୟ ହାସଲ କରିପାରିବ ବୋଲି ଆଶା କରୁଛି ।



# ପ୍ରକାଶନ



## ନିଯୁକ୍ତି / ବଦଳି

ବନ ସଂରକ୍ଷକ ପଦକୁ ପଦୋନ୍ନତି ପାଇବା ପରେ ଶ୍ରୀ ଏ.ସି. ଦିନାକର, ଭା.ବ.ସେ., ପ୍ରକଳ୍ପ ପରିଚାଳନା କେନ୍ଦ୍ରରୁ ବଦଳି ହେବା ସହ ୨୧.୦୮.୨୦୦୯ରେ ଦାୟିତ୍ୱମୁକ୍ତ ହୋଇଛନ୍ତି ।

ଶ୍ରୀ ଆର.ଏନ. ସାହୁ, ଭା.ବ.ସେ., ବନ ସଂରକ୍ଷକ ପଦକୁ ପଦୋନ୍ନତି ପାଇ ପ୍ରକଳ୍ପ ପରିଚାଳନା କେନ୍ଦ୍ରରେ ହିଁ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ୧୦.୦୯.୨୦୦୯ ଠାରୁ କାର୍ଯ୍ୟ କରୁଛନ୍ତି ।

ଡଃ ପି.ଆର. କରାଡ, ଭା.ବ.ସେ., ଖଣ୍ଡୀୟ ପରିଚାଳନା ୟୁନିଟ୍ ମୁଖ୍ୟ, ବନ ସଂରକ୍ଷକ ପଦକୁ ପଦୋନ୍ନତି ପାଇ ୧୨.୦୮.୨୦୦୯ରେ ବଦଳି ହୋଇ ଦାୟିତ୍ୱମୁକ୍ତ ହୋଇଛନ୍ତି । ସେ ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି ।

OFSDP
Orissa Forestry Sector Development Project

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

ପ୍ରକାଶକ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ପରିସର ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬, ଫ୍ୟାକ୍ସ : ୦୬୭୪-୨୩୮୪୦୮୪
E-mail : webmail@ofsdp.org, http:\\www.ofsdp.org

ସମ୍ପାଦକ ମଣ୍ଡଳୀ

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଡଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ
ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ
ଫୋନ : ୦୬୭୪-୨୫୪୪୨୦୯, E-mail : jyotigraphics@gmail.com